# ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରବେଶ ଉତ୍ସବ




ସମ୍ବଲପୁର : ସ୍ଥାନୀୟ ପାନ୍ଥନିବାସ ପ୍ରେକ୍ଷାଳୟରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜୋନ୍ ହେଡ଼କ୍ୱାର୍ଟରରେ ୨୫୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ସର୍ବମୋଟ ନାମ ଲେଖାଇଥିବା ସଂଖ୍ୟା ୧୫୩୨ ବୋଲି ଜଣାପଡିଛି । ଏହି ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଶ୍ରୀକାନ୍ତ ମହାପାତ୍ର, କୁଳସଚିବ ଡକ୍ଟର ଜୟନ୍ତ କରଶର୍ମା, ଗଙ୍ଗାଧର ମେହେର କଲେଜ ଷ୍ଟଡି ସେଣ୍ଟରର ସଂଯୋଜକ ଡକ୍ଟର ମହେନ୍ଦ୍ର ବେହେରା ଓ ପବ୍ଲିକ ଲାଇବ୍ରେରୀ ଷ୍ଟଡି ସେଣ୍ଟର ସଂଯୋଜକ ରଘୁନାଥ ମିଶ୍ର ଯୋଗ ଦେଇ ବିଭିନ୍ନ ପାଠ୍ୟକ୍ରମ ଓ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଡକ୍ଟର ସଙ୍ଗୀତା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।